**ଭାରତ ସଂଘ, ସେଣ୍ଟ୍ରାଲ କୋଲଫିଲ୍ଡସ ଲିମିଟେଡ୍, ରାଞ୍ଚି ର ରାଜସ୍ୱ ମୁଖ୍ୟଙ୍କ ମାଧ୍ୟମରେ**

**ବନାମ**

**ଜାନକୀ ମାହତୋ ଏବଂ ଅନ୍ୟମାନେ**

**ଏପ୍ରିଲ 2, 1996**

**[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ମଧ୍ୟବର୍ତ୍ତିକାଳୀନ ସ୍ଥଗିତାଦେଶ - ଉଚ୍ଚ ନ୍ୟାୟାଳୟ - ଅଧିନିର୍ଣ୍ଣୟ ବିରୁଦ୍ଧରେ ଅପିଲ - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ଉଚ୍ଚ ନ୍ୟାୟାଳୟ ଅଧିନିର୍ଣ୍ଣୟର ନିଷ୍ପାଦନ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ମଞ୍ଜୁର କରିବାର ଥିଲା - ଅପିଲ ବିଚାରାଧୀନ ରହିବା ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି ରହିବ ।*

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 6980-7017/1996 ।

1993 ର ବିବିଧ ଅପିଲ ସଂଖ୍ୟା 495, 482, 470-71, 475, 493, 472, 479, 490, 485, 476, 474, 484, 487, 496, 483, 493, 504, 478, 492, 488, 469, 489, 481, 473, 486, 468, 480, 477, 491, 497, 502, 498, 505, 499, 503, 500 ଏବଂ 501 ରେ ବିହାର ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 25.11.93 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ଓ.ପି. ଖୈତାନ ଏବଂ କମ୍ପାନୀ ପାଇଁ ସଞ୍ଜୟ ଖୈତାନ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଉତ୍ତରଦାତା ସଂଖ୍ୟା 1, 6, 8-11, 14, 16, 18, 20-24, 28, 31, 34, 36-39, 41-45, 48-98, 100-109, 111 ଏବଂ 113 ସମ୍ବନ୍ଧରେ ଜାରି କରାଯାଇଥିବା ସୂଚନା ଯଥେଷ୍ଟ ଜାରି ଅଟେ । ପ୍ରାପ୍ୟ ସ୍ୱୀକୃତି ସହିତ ପଠାଯାଇଥିବା ସୂଚନାଗୁଡ଼ିକ ଫେରସ୍ତ ହୋଇ ଆସିନାହିଁ । ସେଗୁଡ଼ିକ ଦିଆଯାଇଛି ବୋଲି ବିବେଚନା କରାଯିବା ଉଚିତ । ଉତ୍ତରଦାତା ସଂଖ୍ୟା 12, 13, 17, 33 ଏବଂ 47 ଙ୍କୁ ଦିଆଯାଇଥିବା ସୂଚନାରେ କୌଣସି ତାରିଖ ଉଲ୍ଲିଖିତ ହେବା ବିନା ଫେରସ୍ତ ଆସିଛି । ତେଣୁ ସେମାନଙ୍କୁ ସୂଚନା ଜାରି କରାଯାଇଥିବାର ବିବେଚନା କରାଯିବା ଉଚିତ ।

ଏକମାତ୍ର ପ୍ରଶ୍ନ ହେଉଛି: ପ୍ରାର୍ଥନା ଅନୁଯାୟୀ, ଉଚ୍ଚ ନ୍ୟାୟାଳୟ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେବା ଯଥାର୍ଥ ଥିଲା କି ନାହିଁ । ମାମଲାଟିର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆମ୍ଭେ ଭାବୁଛୁ ଯେ ଉଚ୍ଚ ନ୍ୟାୟାଳୟ ଏହି ଅଧିନିର୍ଣ୍ଣୟର କାର୍ଯ୍ୟକାରିତା ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ମଞ୍ଜୁର କରିଥାନ୍ତେ, ଯାହା ଉଚ୍ଚ ନ୍ୟାୟାଳୟରେ ଅପିଲର ବିଷୟ ଅଟେ ।

ତଦନୁସାରେ ଅପିଲଗୁଡ଼ିକୁ ମଞ୍ଜୁରୀ ଦିଆଯାଇଛି । ପ୍ରାର୍ଥନା ଅନୁଯାୟୀ, ଅପିଲ ବିଚାରାଧୀନ ରହିବା ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି ରହିବ । ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରାଯାଉଛି ଯେ ଯଥାଶୀଘ୍ର ସମ୍ଭବ ଏହି ଅପିଲଗୁଡ଼ିକର ଫଏସଲା କରିବେ । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି.

ଅପିଲଗୁଡ଼ିକୁ ମଞ୍ଜୁରୀ ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**